# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

### 12th August - 2024

### News Editor : *Itishree Singh Rathaur*

*********************************

## ମୁଖ୍ୟ ସମ୍ବାଦ

- 'ହର୍ ଘର୍ ତିରଙ୍ଗା ଅଭିଯାନ'ରେ ସାମିଲ୍ ହେଲେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ।

— ଜାତୀୟ ପତାକାକୁ ସମ୍ମାନ ଜଣାଇବା ଉଦ୍ଦେଶ୍ୟରେ ଏହି ଅଭିଯାନରେ ଯୋଡ଼ିହେବାକୁ ଜନସାଧାରଣଙ୍କୁ ଦେଲେ ଆହ୍ୱାନ ।

- ରାଜ୍ୟରେ ଆଗାମୀ ୫ ବର୍ଷ ପରେ କୌଣସି ବ୍ୟକ୍ତି ଭୂମିହୀନ ରହିବେ ନାହିଁ, କହିଲେ ରାଜସ୍ୱ ମନ୍ତ୍ରୀ ।

- ନିଶାମୁକ୍ତ ଭାରତ ଅଭିଯାନରେ ଦେଶବ୍ୟାପୀ ୧୧ କୋଟିରୁ ଅଧିକ ଲୋକ ସାମିଲ୍ ହୋଇଥିବା ସୂଚନା ।

ଏବଂ

- ଏନ୍.ଆଇ.ଆର୍.ଏଫ୍.ର ସାମଗ୍ରିକ ର୍ୟାଙ୍କିଙ୍ଗ୍‌ରେ ରାଜ୍ୟର ୩ଟି ଶିକ୍ଷାନୁଷ୍ଠାନ ସ୍ଥାନିତ ।

*Desk*

## ହର୍ ଘର୍ ତିରଙ୍ଗା

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଭୁବନେଶ୍ୱର ଲୋକସେବା ଭବନରେ ହର୍ ଘର ତିରଙ୍ଗା ଅଭିଯାନରେ ଯୋଗ ଦେଇଛନ୍ତି । ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ଆମ ଜାତୀୟ ପତାକା ଆମପାଇଁ ବହୁ ସମ୍ମାନ ଓ ଗୌରବର ବିଷୟ । ପ୍ରତ୍ୟେକ ଦେଶବାସୀଙ୍କୁ ଜାତୀୟ ପତାକାର ମହତ୍ତ୍ୱ ବିଷୟରେ ସଚେତନ କରିବା ଏହି ଅଭିଯାନର ମୂଳ ଲକ୍ଷ୍ୟ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆହ୍ୱାନକ୍ରମେ ଏହି ଅଭିଯାନରେ ଓଡ଼ିଶାବାସୀଙ୍କୁ ସାମିଲ୍ ହେବାପାଇଁ ମୁଖ୍ୟମନ୍ତ୍ରୀ ଅନୁରୋଧ କରିଛନ୍ତି । ହର ଘର ତ୍ରିରଙ୍ଗା କାନଭାସରେ ଶ୍ରୀ ମାଝୀ ଆଜି ଦସ୍ତଖତ କରିଥିଲେ ।

*Desk*

## ମୁଖ୍ୟମନ୍ତ୍ରୀ - ଦିଲ୍ଲୀ ଗସ୍ତ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ସନ୍ଧ୍ୟାରେ ତିନିଦିନିଆ ନୂଆଦିଲ୍ଲୀ ଗସ୍ତରେ ଯାଉଛନ୍ତି। ଏହି ଗସ୍ତ ସମୟରେ ମୁଖ୍ୟମନ୍ତ୍ରୀ' କେନ୍ଦ୍ର ସଡ଼କ ପରିବହନ ଓ ରାଜପଥ ମନ୍ତ୍ରୀ ନୀତିନ ଗଡ଼କରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହେବାକୁ ଥିବା ବୈଠକରେ ଯୋଗଦେବେ। ବୈଠକରେ ଓଡ଼ିଶାରେ ଚାଲୁ ରହିଥିବା ପ୍ରକଳ୍ପଗୁଡ଼ିକ ବିଷୟରେ ଆଲୋଚନା କରାଯିବ ବୋଲି ପୂର୍ତ୍ତ

ବିଭାଗ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ସୂଚନା ଦେଇଛନ୍ତି। ସେ କହିଛନ୍ତି, ଓଡ଼ିଶାରେ ସଡ଼କ ପରିବହନ କ୍ଷେତ୍ର ବ୍ୟାପକ କରାଯିବ। ଅର୍ଥନୈତିକ ଦୃଷ୍ଟିକୋଣରୁ ଓଡ଼ିଶାର ବିକାଶ ପାଇଁ ପଦକ୍ଷେପ ନେବାକୁ ମୁଖ୍ୟମନ୍ତ୍ରୀ' କେନ୍ଦ୍ରମନ୍ତ୍ରୀଙ୍କ ସହ ଆଲୋଚନା କରିବେ। ଏହା ସହ କୋଷ୍ଟାଲ ହାଇଓ୍ୱେ ନେଇ ମଧ୍ୟ ବୈଠକରେ ଚର୍ଚ୍ଚା ହେବ ବୋଲି ମନ୍ତ୍ରୀ କହିଛନ୍ତି।

ଏହାଛଡ଼ା ମୁଖ୍ୟମନ୍ତ୍ରୀ ରାଜ୍ୟ ସହ ଜଡ଼ିତ କେତେକ ପ୍ରସଙ୍ଗରେ କେନ୍ଦ୍ର ମନ୍ତ୍ରୀ ଏବଂ ଦଳୀୟ ସଦସ୍ୟଙ୍କ ସହ ବୈଠକ କରିବେ ବୋଲି ଜଣାପଡ଼ିଛି।

***HS***

## ଭୂମିହୀନ - ପଟ୍ଟା

ରାଜ୍ୟରେ ଆଗାମୀ ୫ ବର୍ଷ ପରେ କୌଣସି ବ୍ୟକ୍ତି ଭୂମିହୀନ ଓ ବାସହୀନ ରହିବେ ନାହିଁ ବୋଲି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି । ସେ କହିଛନ୍ତି, ଗ୍ରାମାଞ୍ଚଳରେ ପଟ୍ଟା ନ ଥିବା ଗରିବ ହିତାଧିକାରୀଙ୍କୁ ୪ ଡିସିମିଲ୍ ଲେଖାଏଁ ଜମି ପଟ୍ଟା ପ୍ରଦାନ କରାଯିବ । ସରକାରଙ୍କ ନିଷ୍ପତ୍ତି ଅନୁଯାୟୀ ସରକାରୀ ଜମିରେ ଘର କରି ଦୀର୍ଘଦିନ ଧରି ରହିଆସୁଥିବା ହିତାଧିକାରୀମାନଙ୍କୁ ମଧ୍ୟ ୪ ଡିସିମିଲ୍ ଲେଖାଏଁ ଜମି ଯୋଗାଇ ଦିଆଯିବ । ସେହିଭଳି କଳାହାଣ୍ଡିରେ ଆସନ୍ତା ସ୍ୱାଧୀନତା ଦିବସ ଉପଲକ୍ଷେ ହିତାଧିକାରୀମାନଙ୍କୁ ଜଙ୍ଗଲ ଜମିପଟ୍ଟା ପ୍ରଦାନ କରାଯିବ ବୋଲି ମନ୍ତ୍ରୀ କହିଛନ୍ତି ।

***Voice :..........***

*GNR*

# ନିଶାମୁକ୍ତ ଭାରତ

ନିଶାମୁକ୍ତ ଭାରତ ଅଭିଯାନ ଅଧୀନରେ ସମଗ୍ର ଦେଶରେ କେନ୍ଦ୍ର ସାମାଜିକ ନ୍ୟାୟ ଓ ସଶକ୍ତୀକରଣ ମନ୍ତ୍ରଣାଳୟ ପକ୍ଷରୁ ଶପଥପାଠ ସମାରୋହ ଅନୁଷ୍ଠିତ ହୋଇଛି । ନୂଆଦିଲ୍ଲୀରେ ବିଭାଗୀୟ ମନ୍ତ୍ରୀ ଡକ୍ଟର ବୀରେନ୍ଦ୍ର କୁମାର ଏହି ଶପଥପାଠ କରାଇଛନ୍ତି । ଚଳିତ ବର୍ଷ "ବିକଶିତ ଭାରତର ମନ୍ତ୍ର : ଭାରତ ହେଉ ନିଶାରୁ ସ୍ୱତନ୍ତ୍ର "ର ବାର୍ତ୍ତା ନେଇ ନିଶାମୁକ୍ତ ଭାରତ ଅଭିଯାନର ଆୟୋଜନ ହେଉଛି । ଏହି ଅଭିଯାନରେ ୧୧ କୋଟିରୁ ଅଧିକ ଲୋକ ସାମିଲ୍ ହୋଇଥିବା ମନ୍ତ୍ରୀ ସୂଚନା ଦେଇଛନ୍ତି ।

*PIB*

# ସୂର୍ଯ୍ୟଘର

ପ୍ରଧାନମନ୍ତ୍ରୀ ସୂର୍ଯ୍ୟଘର ମୁକ୍ତ ବିଜୁଳି ଯୋଜନା ଅନ୍ତର୍ଗତ ସୌର ଗ୍ରାମ ଯୋଜନାର କାର୍ଯ୍ୟକାରିତା ନିମନ୍ତେ ସରକାରଙ୍କ ପକ୍ଷରୁ ମାର୍ଗଦର୍ଶିକା ଜାରି କରାଯାଇଛି । ନୂତନ ଏବଂ ନବୀକରଣ ଶକ୍ତି ମନ୍ତ୍ରଣାଳୟ ପକ୍ଷରୁ ଆଜି ଏହି ଯୋଜନାରେ ସାରା ଦେଶରେ ପ୍ରତ୍ୟେକ ଜିଲ୍ଲାରୁ ଗୋଟିଏ ଲେଖାଏଁ ଆଦର୍ଶ

ସୌର ଗ୍ରାମ ପ୍ରସ୍ତୁତି ଉପରେ ଗୁରୁତ୍ୱ ପ୍ରଦାନ କରାଯାଇଛି। ମନ୍ତ୍ରଣାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ଏହି ଯୋଜନାର କାର୍ଯ୍ୟାନ୍ୱୟନ ପାଇଁ ୮୦୦ କୋଟି ଟଙ୍କା ବ୍ୟୟ କରାଯିବ। ସେହିଭଳି ଗ୍ରାମାଞ୍ଚଳରେ ୫ ହଜାର ଏବଂ ସ୍ୱତନ୍ତ୍ର ରାଜ୍ୟ କ୍ଷେତ୍ରରେ ୨ ହଜାରରୁ ଅଧିକ ଜନସଂଖ୍ୟା ବସବାସ କରୁଥିବା ଗ୍ରାମକୁ ସୌରଗ୍ରାମ ଭାବେ ପରିବର୍ତ୍ତନ କରାଯିବ। ମନ୍ତ୍ରଣାଳୟରୁ ମିଳିଥିବା ସୂଚନା ଅନୁଯାୟୀ, ସୌରଗ୍ରାମ ଗୁଡ଼ିକ ମଧ୍ୟରୁ ଅଧିକ ନବୀକରଣ ଶକ୍ତି, କ୍ଷମତା ବିଶିଷ୍ଟ ଗ୍ରାମକୁ ବିଜେତା ଘୋଷଣା କରାଯିବା ସହ ୧ କୋଟି ଟଙ୍କାର କେନ୍ଦ୍ରୀୟ ସହାୟତା ଯୋଗାଇ ଦିଆଯିବ।

***HS***

## ନଡ୍ଡା - ଓଡ଼ିଶା ଗସ୍ତ

ବି.ଜେ.ପି. ରାଷ୍ଟ୍ରୀୟ ଅଧ୍ୟକ୍ଷ ଜଗତ୍ ପ୍ରକାଶ ନଡ୍ଡା ଆସନ୍ତା ୧୮ ତାରିଖରେ ଓଡ଼ିଶା ଗସ୍ତରେ ଆସିବାର କାର୍ଯ୍ୟସୂଚୀ ରହିଛି । ବିଧାସନଭାରେ ବିଧାୟକମାନଙ୍କ ପାଇଁ ଅନୁଷ୍ଠିତ ହେବାକୁ ଥିବା ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଶ୍ରୀ ନଡ୍ଡା ଯୋଗଦେବେ ବୋଲି ସୂଚନା ମିଳିଛି ।

*Desk*

# ଏନ୍.ଆଇ.ଆର୍.ଏଫ୍. ର୍ୟାଙ୍କିଙ୍ଗ୍

ଜାତୀୟ ସଂସ୍ଥାଗତ ର୍ୟାଙ୍କିଙ୍ଗ୍ ଫ୍ରେମ୍‌ୱାର୍କର ସାମଗ୍ରିକ ବର୍ଗରେ ରାଜ୍ୟର ୩ଟି ଶିକ୍ଷାନୁଷ୍ଠାନ ସ୍ଥାନ ପାଇଛନ୍ତି । ଏଥିରେ ଏନ୍.ଆଇ.ଟି. ରାଉରକେଲା ୩୪ତମ ସ୍ଥାନରେ ରହିଛି । ସେହିଭଳି ଇଞ୍ଜିନିୟରିଙ୍ଗ୍ ବର୍ଗରେ ଏନ୍.ଆଇ.ଟି. ରାଉରକେଲା ଓ ଆଇ.ଆଇ.ଟି. ଭୁବନେଶ୍ୱର ସମେତ ରାଜ୍ୟର ୫ଟି ଶିକ୍ଷାନୁଷ୍ଠାନ ସ୍ଥାନ ପାଇଛନ୍ତି ।

*Desk*

# ଯୁବ ଦିବସ

ଯୁବବର୍ଗଙ୍କୁ ସୁସ୍ଥ, ସୁରକ୍ଷିତ ଏବଂ ସ୍ଥାୟୀ ଭବିଷ୍ୟତ ଗଠନ ପାଇଁ ସଚେତନ କରିବା ଉଦ୍ଦେଶ୍ୟରେ ଆଜି ଅନ୍ତର୍ଜାତୀୟ ଯୁବ ଦିବସ ପାଳନ କରାଯାଉଛି । ଏହି ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏକ ବାର୍ତ୍ତାରେ କହିଛନ୍ତି, ଏଡ୍‌ସ ଏବଂ ଏଥିସହ ଅନ୍ୟ ସଂକ୍ରମଣ ଉପରେ ସଚେତନତା ସୃଷ୍ଟି ପାଇଁ ଆଜିଠାରୁ ରାଜ୍ୟରେ ଏକ ସ୍ୱତନ୍ତ୍ର ଅଭିଯାନର ଶୁଭାରମ୍ଭ ହୋଇଛି । ଏଥିପାଇଁ ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ବିଭିନ୍ନ ପ୍ରତିଯୋଗିତା ମାଧ୍ୟମରେ ସଚେତନତା ସୃଷ୍ଟି କରାଯାଉଥିବା ମୁଖ୍ୟମନ୍ତ୍ରୀ କହିଛନ୍ତି ।

ଏହି ଅବସରରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ ରାଉରକେଲା ସରକାରୀ ଡାକ୍ତରଖାନା ଠାରେ ରାଜ୍ୟସ୍ତରୀୟ ଏଡ୍‌ସ ସଚେତତନତା କାର୍ଯ୍ୟକ୍ରମର ଶୁଭାରମ୍ଭ କରିଛନ୍ତି।

***Desk***

## +୨ ସ୍ଵଷ୍ଟ ନାମଲେଖା

ରାଜ୍ୟରେ ଆଜିଠାରୁ ଯୁକ୍ତ ଦୁଇ ପ୍ରଥମ ବର୍ଷ ପାଇଁ ସ୍ୱଟ୍ ନାମଲେଖା ପ୍ରକ୍ରିୟା ଆରମ୍ଭ ହୋଇଛି । ଆସନ୍ତା ୧୪ ତାରିଖ ମଧ୍ୟରେ ଆଶାୟୀ ଛାତ୍ରଛାତ୍ରୀ ଏଥିପାଇଁ ଚଏସ୍ ଲକିଂ କରିପାରିବେ । ଆସନ୍ତା ୨୦ ତାରିଖ ପୂର୍ବାହ୍ନରେ ସ୍ୱଟ୍ ନାମଲେଖା ପାଇଁ ମେଧା ତାଲିକା ପ୍ରକାଶ ପାଇବ । ଏଥିରେ ଚୟନ ହୋଇଥିବା ଛାତ୍ରଛାତ୍ରୀ ୨୨ରୁ ୨୮ ତାରିଖ ମଧ୍ୟରେ ନାମ ଲେଖାଇ ପାରିବେ ।

***Desk***

## ବି.ଏଡ୍. ନାମଲେଖା

ଚଳିତ ଶିକ୍ଷାବର୍ଷରେ ବିଏଡ୍, ବିଏଚଏଡ୍ ଏବଂ ଏମ୍ଏଡ୍ ପାଠ୍ୟକ୍ରମରେ ନାମଲେଖା ପାଇଁ ଆଜି ପ୍ରଥମ ପର୍ଯ୍ୟାୟ ଚୟନ ତାଲିକା ପ୍ରକାଶ ପାଇଛି ।

ମନୋନୀତ ଛାତ୍ରଛାତ୍ରୀ ଆସନ୍ତାକାଲିଠାରୁ ୧୭ ତାରିଖ ମଧ୍ୟରେ ନାମ ଲେଖାଇପାରିବେ । ଆସନ୍ତା ସେପ୍ଟେମ୍ବର ମାସ ୨୩ ତାରିଖରୁ ପାଠପଢା ଆରମ୍ଭ ହେବ ବୋଲି ଜଣାପଡିଛି ।

ସେହିଭଳି ଓଡ଼ିଶା ଶିକ୍ଷକ ଯୋଗ୍ୟତା ପରୀକ୍ଷା- ଓଟିଇଟି-୨୦୨୪ ନିମନ୍ତେ ଆଡମିଟ୍ କାର୍ଡ ଡାଉନ୍‌ଲୋଡ କରିବା ପାଇଁ ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ଲିଙ୍କ ପ୍ରକାଶ ପାଇଛି। ଆସନ୍ତା ୧୭ ତାରିଖରେ ରାଜ୍ୟର ବିଭିନ୍ନ ପରୀକ୍ଷା କେନ୍ଦ୍ରରେ ଦୁଇଟି ସିଟିଂରେ ଏହି ପରୀକ୍ଷା ହେବ। ପରୀକ୍ଷାର୍ଥୀମାନେ bseodisha.ac.in ୱେବସାଇଟ୍‌ରୁ ଆଡ୍‌ମିଟ୍ କାର୍ଡ ଡାଉନଲୋଡ୍ କରିପାରିବେ।

***HS, Boudh/R***

# ହର୍ ଘର୍ ତିରଙ୍ଗା - ଜିଲ୍ଲା

ବୌଦ୍ଧ ଜିଲ୍ଲା ପ୍ରଶାସନ ପକ୍ଷରୁ ହର୍ ଘର ତିରଙ୍ଗା ଅଭିଯାନ ଅବସରରେ ଏକ ମାରାଥନ୍ ର୍‍ୟାଲି ଅନୁଷ୍ଠିତ ହୋଇଛି । ଜିଲ୍ଲାପାଳ ସୁବ୍ରତ କୁମାର ପଣ୍ଡାଙ୍କ ନେତୃତ୍ୱରେ ଏହି ର୍‍ୟାଲି ଜିଲ୍ଲା ଷ୍ଟାଡିୟମ୍‌ଠାରୁ ବାହାରି ସହର ପରିକ୍ରମା କରିଥିଲା । ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିବା ଏସ୍.ପି., ଉପଜିଲ୍ଲାପାଳ, ବିଭିନ୍ନ ଅଧିକାରୀ ଏବଂ ଛାତ୍ରଛାତ୍ରୀମାନେ ସେଲ୍‌ଫି ଉଠାଇଥିଲେ ।

କେନ୍ଦୁଝର ଜିଲ୍ଲା ଘଷିପୁରା ବ୍ଲକ୍ ଅନ୍ତର୍ଗତ ବଳରାମପୁର ପଞ୍ଚାୟତରେ ସ୍ୱୟଂ ସହାୟକ ଗୋଷ୍ଠୀଗୁଡ଼ିକ ପକ୍ଷରୁ ହର୍ ଘର୍ ତିରଙ୍ଗା ଅଭିଯାନ ଅବସରରେ ଜାତୀୟ ପତାକା ପ୍ରସ୍ତୁତ କରାଯାଉଛି । ଜିଲ୍ଲାରେ ୨ ଲକ୍ଷ ତ୍ରିରଙ୍ଗା ପତାକା ପ୍ରସ୍ତୁତ ହେବାକୁ ଥିବାବେଳେ କେବଳ ଗାୟତ୍ରୀ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟ ୪ ହଜାର ପତାକା ତିଆରି କରୁଛନ୍ତି ।

***Desk***

# ବିଶ୍ୱ ହାତୀ ଦିବସ

ହାତୀମାନଙ୍କ ସୁରକ୍ଷା ଓ ସଂରକ୍ଷଣ ଦିଗରେ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ଆଜି ବିଶ୍ୱ ହସ୍ତି ଦିବସ ପାଳନ କରାଯାଉଛି। ୨୦୧୧ ମସିହାରୁ ଆଜିର ଦିନରେ ବିଶ୍ୱ ହସ୍ତି ଦିବସ ପାଳନ କରାଯାଇଆସୁଛି । ହାତୀ ଗଣନା ରିପୋର୍ଟ-୨୦୨୪ ଅନୁସାରେ ରାଜ୍ୟରେ ଗତ ୭ ବର୍ଷରେ ୧୨୨ଟି ହାତୀ ବୃଦ୍ଧି ପାଇବା ଫଳରେ ହାତୀ ସଂଖ୍ୟା ୨ ହଜାର ୯୮ରେ ପହଞ୍ଚିଛି । ଏହି ଗଣନାରେ ୩୮ଟି ବନଖଣ୍ଡକୁ ସାମିଲ କରାଯାଇଥିଲା । ୧୩ଟି ବନଖଣ୍ଡରେ ଆଦୌ ହାତୀ ନଥିବା ଜଣାପଡ଼ିଛି ।

ନନ୍ଦନକାନନ ପ୍ରାଣୀ ଉଦ୍ୟାନର ହାତୀ ସଫାରୀରେ ଆଜି ହସ୍ତୀ ଦିବସ ପାଳନ କରାଯାଇଛି। ହାତୀଙ୍କ ସୁରକ୍ଷାକୁ ନେଇ ଦସ୍ତଖତ ଅଭିଯାନ ମଧ୍ୟ ଅନୁଷ୍ଠିତ ହୋଇଥିଲା ।

*Jharsuguda, Sonepur, Koraput/R*

# ଜନଶୁଣାଣି

ରାଜ୍ୟର ବିଭିନ୍ନ ସ୍ଥାନରେ ଆଜି ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଛି । ଝାରସୁଗୁଡ଼ା ଜିଲ୍ଲା କିରିମିରା ବ୍ଲକ୍‌ରେ ଜିଲ୍ଲାପାଳ ଆବୋଲି ସୁନିଲ୍ ନରୱଣେଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଜନଶୁଣାଣି ଶିବିରରେ ଏସ୍.ପି. ସ୍ମିତ୍ ପରମାର୍‌ଙ୍କ ସମେତ ବିଭାଗୀୟ ଅଧିକାରୀମାନେ ଯୋଗଦେଇ ୨୦ଟି ଅଭିଯୋଗର ଶୁଣାଣି କରିଥିଲେ ।

ସେହିପରି ସୁବର୍ଣ୍ଣପୁର ଜିଲ୍ଲା ତରଭା ବ୍ଲକ୍‌ରେ ମିଳିତ ଜନଶୁଣାଣି ଅନୁଷ୍ଠିତ ହୋଇଛି । ଏଥିରେ ପଞ୍ଜିକୃତ ୪୮ଟି ଅଭିଯୋଗର ଶୁଣାଣି ହୋଇଥିଲା । ଏହି ଶିବିରରେ ଜିଲ୍ଲା ସାମାଜିକ ସୁରକ୍ଷା ବିଭାଗ ପକ୍ଷରୁ ୫ଟି ଭିନ୍ନକ୍ଷମ ଦମ୍ପତିଙ୍କୁ ୨ ଲକ୍ଷ ୫୦ ହଜାର ଟଙ୍କା ଲେଖାଏଁ ସହାୟତା ରାଶି ପ୍ରଦାନ କରାଯାଇଛି ।

କୋରାପୁଟ ଜିଲ୍ଲା ଜୟପୁର ବ୍ଲକ୍‌ର ଧନପୁର ପଞ୍ଚାୟତଠାରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଛି । ଏଥିରେ ବ୍ଲକ୍‌ସ୍ତରୀୟ ଅଧିକାରୀମାନେ ଯୋଗଦେଇ ସରକାରଙ୍କଦ୍ୱାରା ପ୍ରଦାନ କରାଯାଉଥିବା ସ୍ୱାସ୍ଥ୍ୟ, କୃଷି, ଜଳସେଚନ, ପାନୀୟ ଜଳ ସୁବିଧା ଉପରେ ଆଲୋଚନା କରିଥିଲେ ।

# ପାଣିପାଗ

ରାଜ୍ୟରେ ମୌସୁମୀ ପ୍ରଭାବରେ ବର୍ଷା ଜାରି ରହିଛି । ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ ଆସନ୍ତାକାଲି ସୁଦ୍ଧା ଉତ୍ତର ବଙ୍ଗୋପସାଗରରେ ଆଉ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହେବାର ସମ୍ଭାବନା ରହିଛି । ଏହାର ପ୍ରଭାବରେ ୧୮ଟି ଜିଲ୍ଲାରେ ଘଡ଼ଘଡ଼ି ସହ ବର୍ଷା ହେବା ନେଇ ସତର୍କ ସୂଚନା ଜାରି କରାଯାଇଛି ।

ଅନ୍ୟପକ୍ଷରେ ରାଜ୍ୟରେ ନିଅଣ୍ଟିଆ ବର୍ଷା ପରିସ୍ଥିତି ଜାରି ରହିଛି । ଗତ ଜୁନ୍ ପହିଲାରୁ ଆଜି ପର୍ଯ୍ୟନ୍ତ ସ୍ୱାଭାବିକ ବର୍ଷାଠାରୁ ୯ ପ୍ରତିଶତ କମ୍ ବର୍ଷା ହୋଇଛି । ଏହି ସମୟ ମଧ୍ୟରେ ୧୦ଟି ଜିଲ୍ଲାରେ ନିଅଣ୍ଟିଆ ବର୍ଷା ହୋଇଥିବା ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ମିଳିଛି ।

*****